# Akashvani, Sambalpur

## SAMBALPURI NEWS BULLETIN

### 23 July 2024- 6.47- 6.52 am.

*********************************************

ସଂସଦ୍ ନ ପୂର୍ଣ୍ଣାଙ୍ଗ ବଜେଟ୍          ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏଜ୍ ସଂସଦ୍ ନ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କର୍‌ବେ । ନରେନ୍ଦ୍ର ମୋଦୀ ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଲିର୍ ଇଟା ପହେଲା ପୂର୍ଣ୍ଣାଙ୍ଗ ବଜେଟ୍ ଆଏ । ସଂସଦ୍ ଭବନ୍‌ଥି ଆଏଜ୍ ଦିନର୍ ୧୧ ବଜେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଲଗାତାର୍ ୭ ନମ୍ବର୍ ଥର୍ ଲାଗି କେନ୍ଦ୍ର ବଜେଟ୍ ଉପସ୍ଥାପନ୍ କର୍‌ବେ ।

ଇନ ଜନେଇ ଦିଆଯାଇପାରେ, ଗଲାକାଏଲ୍ ସଂସଦ୍ ନ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩- ୨୪ ଅର୍ଥମନ୍ତ୍ରୀ ଉପସ୍ଥାପନ୍ କରିଥିଲେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୬ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଉପସ୍ଥିତିଥି ନୂଆଦିଲ୍ଲୀ ଠାନେ ଅଟଳ ଇନୋଭେସନ୍ ମିଶନ୍ ଆଉ (ଇଂଟଲେକ୍‌ଚ୍ୟୁଆଲ୍ ପ୍ରପଟି ଅର୍ଗାନାଇଜେସନ୍) ୱିପୋ ଭିତ୍‌ରେ ଲେଟର୍ ଅଫ୍ ଇଂଟେଂଟ୍ - ଏଲ୍.ଓ.ଆଇ. ସ୍ୱାକ୍ଷରିତ୍ ହେଇଯାଇଛେ । ଇ ବାବ୍‌ଦେ ଟ୍ୱିଟ୍ କରିକରି ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଭାରତ୍‌ର ଇନୋଭେସନ୍ ଇକୋ ସିଷ୍ଟମ୍ ବିଶ୍ୱସ୍ତର୍ ନ ପୁହୁଁଚିଛେ । ସେ କହିଛନ୍ ଯେ, ନବସୃଜନ ହେଉଛେ ଭାରତ୍‌ର ଶକ୍ତି, ଇ ଭାଗିଦାରୀ ଅଲ୍‌ଗା ଦେଶ୍‌କେ ବାଟ୍ ଦେଖାବା ।  ଶିକ୍ଷାକ୍ଷେତ୍ର ନ ଭାରତ୍‌ର ଅଭିନବ ମୋଡ଼େଲ୍ ବିକାଶ୍‌ଶୀଳ ଦେଶ୍‌ମାନ୍‌କେ ବେଭାର୍ ହେବା । ବିଦ୍ୟାଳୟ ସ୍ତର୍‌ନୁ ଇ ଇଂଟଲେକ୍‌ଚ୍ୟୁଆଲ୍ ପ୍ରପଟି ରାଇଟ୍-ଆଇ.ପି.ଆର୍. ବିଷେ ବୁଝାମଣା ଆଉ ସଚେତନତା ବ୍ୟାପକ୍ ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

## ବୌଦ୍ଧ ବିଧାୟକ୍-ସର୍‌କାରୀ ଦଲର୍ ମୁଖ୍ୟ ସଚେତକ

ଆର୍‌ଏନ୍‌ୟୁ /ସମ୍ବଲପୁର

ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ଭାବେ ନିଯୁକ୍ତ ହେଇଛନ୍ । ସେନ୍ତା ରେମୁଣା ବିଧାୟକ୍ ଗୋବିନ୍ଦ୍ ଚନ୍ଦ୍ର ଦାସଙ୍କୁ ଉପମୁଖ୍ୟ ସଚେତକ୍ ଭାବେ

ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ସଂସଦୀୟ ବ୍ୟାପାର୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଏଡ଼ଭୋକେଟ୍ ଜେନେରାଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବରିଷ୍ଠ ଆଇନ୍‌ଜୀବୀ ପିତାମ୍ବର୍ ଆଚାର୍ଯ୍ୟ ଗଲାକାଏଲ୍ ଏଡ଼ଭୋକେଟ୍ ଜେନେରାଲ୍ ଭାବେ ଦାୟିତ୍ୱ ନେଇଛନ୍ । ଦାୟିତ୍ୱ ନେବାର୍ ଉତ୍‌ରୁ ଶ୍ରୀ ଆଚାର୍ଯ୍ୟ ଲୋକ୍‌ସେବା ଭବନ୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ଇ ସମିଆଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଉପସ୍ଥିତ୍ ଥିଲେ ।

ନର୍ସିଂ ଅଫିସର୍- ସ୍ଥାୟୀ ନିଯୁକ୍ତି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ହାଇପାୱାର୍ କମିଟିର୍ ସୁପାରିଶ୍ ଅନ୍‌ସାରେ ୧ ହଜାର୍ ୨୨ ଝନ୍ ନର୍ସିଂ ଅଫିସର୍‌ଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଛନ୍ । ଇ ବାବ୍‌ଦେ ସି.ଡ଼ି.ଏମ୍.ଓ. ଆର୍ ପିଏଚ୍‌ଓ ମାନ୍‌କୁ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଚିଠି ଲେଖାଯାଇଛେ । ଇମାନେ ଜିଲ୍ଲାର୍ ସ୍ୱାସ୍ଥ୍ୟ ଅନୁଷ୍ଠାନ୍‌ମାନ୍‌କୁ କାମ୍ କର୍‌ବେ । ଆଘୋନୁ ଇ ନର୍ସିଂ ଅଫିସର୍‌ମାନେ ସିଡ଼ିଏମ୍‌ଓ ଆର୍ ପିଏଚ୍‌ଓ ଆଉ ମେଡ଼ିକାଲ୍

କଲେଜ୍ ନ ଜେନେରାଲ୍ ହେଲ୍‌ଥ କେୟାର୍ ଅଧିନ୍‌ଥି କାମ୍ କରୁଥିଲେ ।

ଯୁକ୍ତ ଦୁଇ ପହେଲା ଖେପ୍ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ଦୁଇଥି ପହେଲା ଖେପ୍‌ର ପହେଲା ଦିନେ ଗଲାକାଏଲ୍ ପାଖାପାଖି ୯୯ ହଜାର୍ ଛାତ୍ରଛାତ୍ରୀ ନାଁ ଲେଖେଇଛନ୍ । ପହେଲା ମେଧା ତାଲିକାଥି ମୋଟ୍ ୪ ଲାଖ୍ ୨୬ ହଜାର୍ ୪ ଶହ ୭୨ ଝନ୍‌କୁ ବଛାଯାଇଛେ । ଇ ଛାତ୍ରଛାତ୍ରୀମାନେ ଆଏବା ୨୭ ତାରିଖ୍ ଭିତ୍‌ରେ ନାଁ ଲେଖାବେ । ପହେଲା ଖେପ୍ ନାଁଲେଖା ସର୍‌ବାର୍ ଉତ୍‌ରୁ ଆଏବା ମାସର୍ ୫ ତାରିଖ୍ ଦିନ ୨ ନମ୍ବର୍ ମେଧା ତାଲିକା ବାହାର୍‌ବା । ଇ ଖେପେ ଠାନ୍ ପାଇଥିବା ଛାତ୍ରଛାତ୍ରୀମାନେ ୭ ନୁ ୧୦ ତାରିଖ୍ ଭିତ୍‌ରେ ନାଁ ଲେଖାବେ ବଲି ଜନାପଡ଼ିଛେ ।

ଶିକ୍ଷାସପ୍ତାହ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍ ନ ଗଲାକାଏଲ୍ଠାନୁ ଶିକ୍ଷାସପ୍ତାହ ପାଲନ୍ କରାଯାଉଛେ। ଫିʼ ଦିନ ଖାସ୍ କରି ସ୍ୱତନ୍ତ୍ର ଦିବସ୍ ପାଲନ୍ କର୍‌ବାର୍ ପ୍ରସ୍ତାବ୍ ରହିଛେ। ସେ ଅନ୍‌ସାରେ ଗଲାକାଏଲ୍ ଶିକ୍ଷଣ ସାମଗ୍ରୀ- ଟିଏମ୍‌ଏଲ୍ ଦିବସ୍ ପାଲିତ୍ ହେଇଯାଇଛେ। ସ୍ଥାନୀୟ ପ୍ରସଙ୍ଗ ଆର୍ ଇଟାକେ କ୍ଲାସ୍ ନ କେନ୍ତା ବେଭାର୍ କରାଯାଇପାର୍‌ବା ସେ ବାବ୍‌ଦେ ଶିକ୍ଷକ୍‌ମାନ୍‌କୁ ପ୍ରୋତ୍ସାହିତ୍ କରାଯାଇଛେ। ଶିକ୍ଷଣ୍ ସାମଗ୍ରୀ ଦିବସ୍ ଅବ୍‌ସରେ ଛାତ୍ରଛାତ୍ରୀ, ଶିକ୍ଷକ୍‌ମାନେ ପୋଷ୍ଟର୍ ତିଆର୍ କରିଥିଲେ। ଆଏବା ୨୮ ତାରିଖ୍‌ତକ୍ ଇ ଦିବସ୍ ପାଲନ୍ କରାଯିବା।

ଭିତର୍‌କନିକା ଆର୍‌ଏନ୍‌ୟୁ /ସମ୍ବଲପୁର

ଭିତର୍‌କନିକା ଜାତୀୟ ଉଦ୍ୟାନ୍ ଆଏବା ମାସ ୧ ତାରିଖ୍‌ନୁ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ଖୁଲ୍‌ବା। ପର୍ଯ୍ୟଟକ୍‌ମାନେ ବୋଟ୍ ଲାଇବ୍ରେରୀ ନ ଭିନ୍ ଭିନ୍ ଜୀବଜନ୍ତୁ, ପରିବେଶ୍ ସାଙ୍ଗେ ଅଲ୍‌ଗା ବହି ମାନେ ପଢ଼୍‌ବାର୍ ସୁଯୋଗ୍ ପାଏବେ। ଇତାର୍‌ଛନା ପର୍ଯ୍ୟଟକ୍‌ମାନେ ବିନା ଆବାଜ୍ କରୁଥିବା ବୋଟ୍‌ଥି ବସିକରି କୁମ୍ଭୀର ଦେଖ୍‌ବାର୍ ସୁଯୋଗ୍ ପାଇପାର୍‌ବେ। ଇଥିର୍‌ଲାଗି

ଡାଙ୍ଗମାଲ୍ ଠାନେ ୬ ଟା ଆଉ ଗୁପ୍ତି ଠାନେ ୪ ଟା ଫାଇବର୍ ବୋଟ୍‌ର ବ୍ୟବସ୍ଥା କରାଯାଇଛେ ।

ରେଲ୍ କର୍ମଚାରୀ ପୁରସ୍କୃତ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍ ତର୍‌ଫୁ ରେଲ୍‌ବାଇ ରେଲ୍ ଚଲାଚଲ୍ ଲାଗି କର୍ତବ୍ୟ ନିଷ୍ଠା ଆଉ ନିରାପତା ଲାଗି ୫ ଝନ୍ କର୍ମଚାରୀକୁ ପୁରସ୍କୃତ୍ କରାଯାଇଛେ । ମଣ୍ଡଳ ରେଲ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ନଗଦ ଟଙ୍କା ଦେଇକରି ସମ୍ମାନିତ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଲଘୁଚାପ୍ ଆଉ ପଛେ ହେଇଥିବା ଅବପାତ୍‌ର ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୪ ଦିନ୍‌ତକ୍ ରାଏଜେ ବର୍ଷା ହେବା । ଦୁଇଦିନ୍ ଧରିକରି କେତେଟା ଜିଲ୍ଲାଥି ଅପର୍‌ବଲ୍ ବର୍ଷା ହେବାର୍‌କେ ଥିବାର୍‌ନୁ ଇ ଜିଲ୍ଲାମାନ୍‌କୁ ସତର୍କ ରହେବାର୍ ଲାଗି ପରାମର୍ଶ ଦିଆଯାଇଛେ ।